**ଶାରଦାଚନ୍ଦ୍ର ଗଣେଶ ମୁଲେ**

**ବନାମ**

**ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ**

**ଅଗଷ୍ଟ 14, 1995**

**[କେ. ରାମସ୍ୱାମୀ ଏବଂ ବି.ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1), 11 (2), 11-A, 12 (1) - ଧାରା 4 (1) ଅଧୀନରେ ଅଧିସୂଚନା - ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଆପତ୍ତି - ଏହାର ଖାରଜ - ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଅଧିନିର୍ଣ୍ଣୟ - ଗଣନା ପାଇଁ ପରିସୀମା ସମୟ - ଏହା ନିର୍ଣ୍ଣୟ ନିଆଗଲା ଯେ, ଯେଉଁ ତାରିଖରେ ଜମି ଅଧିଗ୍ରହଣ ଅଧିକାରୀ ଅଧିନିର୍ଣ୍ଣୟରେ ସ୍ୱାକ୍ଷର ଓ ମୋହର ମାରିଛନ୍ତି, ସେହି ଦିନ ଠାରୁ ଏହା ଚୂଡ଼ାନ୍ତ ଭାବେ ହେବ, ଦାବିଦାର ଏହାର ନକଲ ପାଇବା ତାରିଖ ଠାରୁ ନୁହେଁ ।*

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଧାରା 11, ସ୍ପଷ୍ଟୀକରଣ IV - ଅନ୍ୱୟାଶ୍ରିତ ପୂର୍ବନ୍ୟାୟ – 'କରିପାରିଥାନ୍ତେ ଏବଂ କରିବା ଉଚିତ ଥିଲା' ର ସିଦ୍ଧାନ୍ତ – ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅଧୀନରେ ହୋଇଥିବା ଅଧିସୂଚନାକୁ ଆପତ୍ତି କରି ଜମି ମାଲିକଙ୍କ ଦ୍ୱାରା କରାଯାଇଥିବା ଆଜ୍ଞାଦେଶ ଆବେଦନ ବିଚାରାଧୀନ ରହିବା - ଇତି ମଧ୍ୟରେ 1984 ମସିହାର ସଂଶୋଧନ ଅଧିନିୟମ 68 କାର୍ଯ୍ୟକାରୀ ହେବା – ଏହା ନିର୍ଣ୍ଣୟ କରାଗଲା ଯେ, ଧାରା 11-A ଅଧୀନରେ ପ୍ରତିବନ୍ଧର ପ୍ରତିରକ୍ଷା, ଜମି ମାଲିକଙ୍କ ପାଇଁ ଉପଲବ୍ଧ ଥିଲା କିନ୍ତୁ ସେ ଏହାର ଉପଯୋଗ କରିନଥିଲେ, ତେଣୁ ପରବର୍ତ୍ତୀ ଆଜ୍ଞାଦେଶ ଆବେଦନରେ ଅନ୍ୱୟାଶ୍ରିତ ପୂର୍ବନ୍ୟାୟ ସିଦ୍ଧାନ୍ତ ଲାଗୁ ହେବ ।*

**ଜମି ମାଲିକ-ଦାବିଦାର, ପ୍ରଥମେ ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4 (1) ଅଧୀନରେ ଥିବା ଅଧିସୂଚନାକୁ ଏବଂ ପରବର୍ତ୍ତୀ ସମୟରେ ପୂର୍ବ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ପରେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଅଧିନିର୍ଣ୍ଣୟକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରି ବିଫଳ ହେବା ପରେ, ଉଚ୍ଚ ନ୍ୟାୟାଳୟଙ୍କ ଉଭୟ ରାୟ ବିରୁଦ୍ଧରେ ବିଶେଷ ଅନୁମତି ଜରିଆରେ ଏହି ଅପିଲ ଦାୟର କରିଥିଲେ ।**

ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଅଧିନିର୍ଣ୍ଣୟ କ୍ଷେତ୍ରଧିକାର ବାହାରେ ଥିଲା, କାରଣ ପୂର୍ବ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଏହା କରାଯାଇ ନଥିଲା ।

ଏହି ଅପିଲଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ:

**1.1** ଉଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ପାଇବାର ଦୁଇ ବର୍ଷ ମଧ୍ୟରେ ଏହି ଅଧିନିର୍ଣ୍ଣୟ ସ୍ପଷ୍ଟ ଭାବେ ପ୍ରଦାନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ **31.3.1992** ତାରିଖରେ ତାଙ୍କର ରାୟ ଦେଇଥିବାବେଳେ ଜମି ଅଧିଗ୍ରହଣ ଅଧିକାରୀ ମାର୍ଚ୍ଚ **30, 1994** ରେ ନିଜ ସ୍ୱାକ୍ଷର ଏବଂ ମୋହର ସହିତ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ। ଜମି ଅଧିଗ୍ରହଣ ଅଧିନିୟମ, **1894** ର ଧାରା **12 (1)** ଅଧୀନରେ, ଏହା ଅଧିନିର୍ଣ୍ଣୟ ପ୍ରଦାନ କରାଯିବାର ଚୂଡ଼ାନ୍ତ ପ୍ରମାଣ ଅଟେ । କେବଳ ଏହି କାରଣରୁ ଯେ ଅପିଲକାରୀ ଏପ୍ରିଲ **12, 1994** ରେ ଏହି ଅଧିନିର୍ଣ୍ଣୟର ନକଲ ପାଇଥିଲେ, ଏହା କୁହାଯାଇପାରିବ ନାହିଁ ଯେ ଅଧିନିର୍ଣ୍ଣୟଟି ସେହି ତାରିଖରେ ପ୍ରଦାନ କରାଯାଇଥିଲା । **[696-B; 695-A-B; 695-G]**

**1.2.** ଅଧିନିୟମର ଧାରା **11 (2)** ଅଧୀନରେ, ଯେଉଁ କ୍ଷେତ୍ରରେ ଜମିର ମୂଲ୍ୟ ଉପଯୁକ୍ତ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମ ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ହୁଏ, ସେଠାରେ କର୍ତ୍ତୃପକ୍ଷ ସକ୍ଷମ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ପାଇବା ବାଧ୍ୟତାମୂଳକ । ଅଧିନିର୍ଣ୍ଣୟଟି ସ୍ପଷ୍ଟ ଭାବେ ସୂଚିତ କରେ ଯେ ମେ **17, 1993** ରେ "ପୂର୍ବ ଅନୁମୋଦନ ବଶବର୍ତ୍ତୀ" ବୋଲି ପୃଷ୍ଠାଙ୍କନ କରାଯାଇଥିଲା । ସ୍ପଷ୍ଟତଃ, ଏହି ଅଧିନିର୍ଣ୍ଣୟ ମେ **17, 1993** ରେ ପ୍ରସ୍ତୁତ ହୋଇଥିଲା ଏବଂ ପୂର୍ବ ଅନୁମୋଦନ ପାଇବା ପରେ ମାର୍ଚ୍ଚ **30, 1994** ରେ ତାହା ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା । **[695-H; 696-A-B]**

**2.** ପ୍ରଥମ ଆଜ୍ଞାଦେଶ ଆବେଦନ ଦାୟର ହେବା ସମୟରେ ଅଧିନିୟମର ଧାରା **11A** ଅଧୀନରେ ଥିବା ପ୍ରତିବନ୍ଧକ ଅପିଲକାରୀଙ୍କ ପାଇଁ *ଉପଲବ୍ଧ* ଥିଲା, କାରଣ ଏହି ଆଜ୍ଞାଦେଶ ଆବେଦନ ବିଚାରାଧୀନ ଥିବା ସମୟରେ **24** ସେପ୍ଟେମ୍ବର, **1984** ରେ ସଂଶୋଧନ ଅଧିନିୟମ **68/1984** କାର୍ଯ୍ୟକାରୀ ହୋଇଥିଲା । ସେ ଏହି ପ୍ରସଙ୍ଗ ଉଠାଇନଥିଲେ । ତେଣୁ, ସିପିସି ଧାରା **11** ର ସ୍ପଷ୍ଟୀକରଣ **IV** ରେ ସନ୍ନିବେଶିତ "କରିପାରିଥାନ୍ତେ ଏବଂ କରିବା ଉଚିତ ଥିଲା" ର ସିଦ୍ଧାନ୍ତ କାର୍ଯ୍ୟକାରୀ ହେବ ଏବଂ ଅପିଲକାରୀ ଏହି ଯୁକ୍ତିକୁ ପୁନର୍ବାର ଉଠାଇବାକୁ ବାଧିତ ଅଟନ୍ତି । ତେଣୁ,

**ଅନ୍ୱୟାଶ୍ରିତ ପୂର୍ବନ୍ୟାୟର ସିଦ୍ଧାନ୍ତ ଧାରା 11A ଅଧୀନରେ ପରିସୀମା ପ୍ରତିବନ୍ଧକର ଯୁକ୍ତି କରିବା ପାଇଁ ତାଙ୍କ ଅଧିକାର ଉପରେ ଏକ ନିଷେଧାଦେଶ ଜାରି କରେ । [695-E]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 7565-66/1995 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 649/1984 ଏବଂ ଆଜ୍ଞାଦେଶ ଆବେଦନ ସଂଖ୍ୟା 2249/94 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 31.3.92 ଏବଂ 30.6.94 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀଙ୍କ ତରଫରୁ ୟୁ. ଆର୍. ଲଳିତ୍ ଏବଂ ଏ.ଏମ୍. ଖାନୱିଲକର ।

ଉତ୍ତରଦାତାମାନଙ୍କ ତରଫରୁ ଏ.ଏସ୍. ଭାସ୍ମେ, ରାଜୀବ ମାସୋଡକର୍ ଏବଂ ଡି.ଏମ୍. ନାରଗୋଲକର୍ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

840 ଦିନର ବିଳମ୍ବକୁ କ୍ଷମା କରାଗଲା ।

ମଞ୍ଜୁର କରାଗଲା ।

ଅପିଲକାରୀ 1970 ମସିହା ଫେବୃଆରୀ 3 ତାରିଖରେ ପ୍ରକାଶିତ ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅଧୀନରେ ଥିବା ଅଧିସୂଚନାକୁ ଆପତ୍ତି କରୁଛନ୍ତି । ପ୍ରାରମ୍ଭରେ, ସେ ଆଜ୍ଞାଦେଶ ଆବେଦନ ସଂଖ୍ୟା 649/1984 ଦାୟର କରିଥିଲେ ଏବଂ 16 ଫେବୃଆରୀ, 1984 ରେ ବେଦଖଲ ବିରୁଦ୍ଧରେ ସ୍ଥଗିତାଦେଶ ହାସଲ କରିଥିଲେ । ସେହି ଆଜ୍ଞାଦେଶ ଆବେଦନ 1992 ମସିହା ମାର୍ଚ୍ଚ 31 ତାରିଖରେ ଯୋଗ୍ୟତା ଆଧାରରେ ଖାରଜ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ ମାର୍ଚ୍ଚ 30, 1994 ରେ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ ଯାହାକୁ ଆଜ୍ଞାଦେଶ ଆବେଦନ ସଂଖ୍ୟା 2249/94 ରେ ଆପତ୍ତି କରାଯାଇଥିଲା, କିନ୍ତୁ ତାହା ସଫଳ ହୋଇନଥିଲା । ଏହିପରି ଭାବେ, ମୂଳ ଆଜ୍ଞାଦେଶ ଆବେଦନ ଏବଂ ଦ୍ୱିତୀୟ ଆଜ୍ଞାଦେଶ ଆବେଦନ ବିରୁଦ୍ଧରେ ବିଶେଷ ଅନୁମତି ଜରିଆରେ ଏହି ଅପିଲଗୁଡ଼ିକ ଦାୟର ହୋଇଛି ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଖାନୱିଲକର ନିରପେକ୍ଷତାର ସହ କହିଛନ୍ତି ଯେ ପ୍ରଥମ ଆବେଦନରେ ସେ ଅଧିନିୟମର ଧାରା 11A ଅଧୀନରେ ଥିବା ପରିସୀମା ପ୍ରତିବନ୍ଧକ ବିଷୟରେ

ଯୁକ୍ତି କରିପାରି ନଥିଲେ, କାରଣ ଅପିଲକାରୀ 16 ଫେବୃଆରୀ, 1984 ରେ ନ୍ୟାୟାଳୟଙ୍କ ମାଧ୍ୟମରେ ଜମିର ବେଦଖଲ ବିରୁଦ୍ଧରେ ଏକ ନିଷେଧାଦେଶ ପାଇଥିଲେ; ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ରାୟଗୁଡ଼ିକ ଅନୁଯାୟୀ, ସେହି ନିର୍ଦ୍ଦେଶ କର୍ତ୍ତୃପକ୍ଷଙ୍କ ପାଇଁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବା କ୍ଷେତ୍ରରେ ଏକ ପ୍ରତିବନ୍ଧକ ସଦୃଶ ହେବ । ତେଣୁ, ସେ ଏକ ଅତିରିକ୍ତ ଯୁକ୍ତି ଉଠାଇଥିଲେ ଯେ ଯେହେତୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ତାରିଖ ଅର୍ଥାତ୍ 31 ମାର୍ଚ୍ଚ, 1992 ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇ ନାହିଁ, ତେଣୁ ଧାରା 11 ଅଧୀନରେ ପ୍ରଦତ୍ତ ଅଧିନିର୍ଣ୍ଣୟ କ୍ଷେତ୍ରାଧିକାର ବିହୀନ ଅଟେ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ ।

ଏହା ଦେଖାଯାଉଛି ଯେ ପ୍ରଥମ ଆଜ୍ଞାଦେଶ ଆବେଦନ ଦାୟର ହେବା ସମୟରେ ଧାରା 11A ଅଧୀନରେ ଥିବା ପ୍ରତିବନ୍ଧକ ଅପିଲକାରୀଙ୍କ ପାଇଁ *ଉପଲବ୍ଧ* ଥିଲା, କାରଣ ଆଜ୍ଞାଦେଶ ଆବେଦନ ବିଚାରାଧୀନ ଥିବା ସମୟରେ 24 ସେପ୍ଟେମ୍ବର, 1984 ରେ 68/1984 ର ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହୋଇଥିଲା । ସେ ଏହି ପ୍ରସଙ୍ଗ ଉଠାଇ ନଥିଲେ । ତେଣୁ, ସିପିସି ଧାରା 11 ର ସ୍ପଷ୍ଟୀକରଣ IV ରେ ସନ୍ନିବେଶିତ "କରିପାରିଥାନ୍ତେ ଏବଂ କରିବା ଉଚିତ ଥିଲା" ର ସିଦ୍ଧାନ୍ତ କାର୍ଯ୍ୟକାରୀ ହେବ ଏବଂ ଅପିଲକାରୀ ଏହି ବିବାଦକୁ ପୁନର୍ବାର ଉଠାଇବାକୁ ବାଧିତ ଅଟନ୍ତି । ତେଣୁ, ଅନ୍ୱୟାଶ୍ରିତ ପୂର୍ବନ୍ୟାୟର ସିଦ୍ଧାନ୍ତ ଧାରା 11A ଅଧୀନରେ ପରିସୀମା ପ୍ରତିବନ୍ଧକର ଯୁକ୍ତି କରିବା ପାଇଁ ତାଙ୍କ ଅଧିକାର ଉପରେ ଏକ ନିଷେଧାଦେଶ ଜାରି କରେ । ଆହୁରି ମଧ୍ୟ, ଆମେ ଅଧିନିର୍ଣ୍ଣୟର ନକଲ ଦେଖିଛୁ, ଯାହାର ଏକ ନକଲ ଅପିଲକାରୀଙ୍କୁ ଯୋଗାଇ ଦିଆଯାଇଥିଲା । ଏହା ସ୍ପଷ୍ଟ ଭାବେ ସୂଚିତ କରେ ଯେ ଜମି ଅଧିଗ୍ରହଣ ଅଧିକାରୀ 1994 ମସିହା ମାର୍ଚ୍ଚ 30 ତାରିଖରେ ନିଜ ସ୍ୱାକ୍ଷର ଏବଂ ମୋହର ସହିତ ଏହି ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ। ଅଧିନିୟମର ଧାରା 12 (1) ଅଧୀନରେ ଏହା ଅଧିନିର୍ଣ୍ଣୟ ପ୍ରଦାନ କରାଯିବାର ଚୂଡ଼ାନ୍ତ ପ୍ରମାଣ ଅଟେ । କେବଳ ଏହି କାରଣରୁ ଯେ ଅପିଲକାରୀ ଏପ୍ରିଲ 12, 1994 ରେ ଅଧିନିର୍ଣ୍ଣୟର ନକଲ ପାଇଥିଲେ, ଅଧିନିର୍ଣ୍ଣୟ ସେହି ତାରିଖରେ ପ୍ରଦାନ କରାଯାଇଥିଲା ବୋଲି ଧରାଯାଇପାରିବ ନାହିଁ । ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସ୍ୱାକ୍ଷର ଏବଂ ତାରିଖରେ କୌଣସି ଜାଲିଆତି କିମ୍ବା ପରିବର୍ତ୍ତନ ହୋଇନାହିଁ । ଏହା ଦେଖାଯାଉଛି ଯେ କେବଳ ଅନ୍ୟ କିଛି ପ୍ରସଙ୍ଗରେ ଲେଖାରେ କିଛି ଯୋଡ଼ାଇବା ହୋଇଅଛି । ଧାରା 11 (2) ଅଧୀନରେ, ଯେଉଁ କ୍ଷେତ୍ରରେ ଜମିର ମୂଲ୍ୟ ଉପଯୁକ୍ତ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମ ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ହୁଏ, ସେଠାରେ ସକ୍ଷମ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ପାଇବା କର୍ତ୍ତୃପକ୍ଷଙ୍କ ପକ୍ଷେ ବାଧ୍ୟତାମୂଳକ ହୋଇଥାଏ । ବାସ୍ତବରେ, ଏହି ଅଧିନିର୍ଣ୍ଣୟ ସ୍ପଷ୍ଟ ଭାବେ ସୂଚିତ କରେ ଯେ ମେ 17, 1993 ରେ "ପୂର୍ବ

ଅନୁମୋଦନ ବଶବର୍ତ୍ତୀ" ବୋଲି ପୃଷ୍ଠାଙ୍କନ କରାଯାଇଥିଲା । ସ୍ପଷ୍ଟତଃ, ଏହି ଅଧିନିର୍ଣ୍ଣୟ ମେ 17, 1993 ରେ ପ୍ରଦାନ କରାଯାଇଥିଲା ଏବଂ ପୂର୍ବ ଅନୁମୋଦନ ପାଇବା ପରେ ଏହା ମାର୍ଚ୍ଚ 30, 1994 ରେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରଦାନ ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଏହି ଅଧିନିର୍ଣ୍ଣୟ ସ୍ପଷ୍ଟ ଭାବେ ପ୍ରଦାନ କରାଯାଇଥିଲା ।

ତେଣୁ, ଆମେ ହସ୍ତକ୍ଷେପ କରିବା ଭଳି କୌଣସି ଅବୈଧତା ପାଉନାହୁଁ । ତଦନୁସାରେ ଅପିଲଗୁଡ଼ିକୁ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଆର୍.ପି. ଅପିଲଗୁଡ଼ିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**